
# ପତ୍ନୀଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୩୧।୫(ସମିସ):** କିଶୋରନଗର ଥାନା ଝରାବେରେଣି ଗ୍ରାମର ଲିପି ଝାଙ୍କରଙ୍କୁ ତାଙ୍କ ସ୍ୱାମୀ ସୁନୀଲ ଦେହୁରୀ ମାଡ଼ମାରିବା ସହ ତାଙ୍କୁ ନିର୍ଯାତନା ଦେଉଥିବା କିଶୋରନଗର ଥାନାରେ ଅଭିଯୋଗ ହୋଇଛି। ଲିପିଙ୍କ ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୁଲିସ କହିଛି ଯେ, ଲିପି ୫ ବର୍ଷ ପୂର୍ବେ ସୁନୀଲଙ୍କୁ ବିବାହ କରିଥିଲେ। ହେଲେ କିଛି ମାସ ହେବ ବିନା କାରଣରେ ତାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଉଥିବା ସେ ଅଭିଯୋଗ କରିଛନ୍ତି।

■ ତମାଖୁ ସେବନ ନିଷେଧ ନାମକୁମାତ୍ର

# ଜିଲ୍ଲାରେ ମାସକୁ ୨ କୋଟିର ପାନ ମସଲା ବିକ୍ରି



**ଅନୁଗୋଳ, ୩୧।୫(ସମିସ):** ବିଶ୍ୱ ତମାଖୁ ସେବନ ନିଷେଧ ଦିବସ ଆଜି ଚାରିଆଡ଼େ ପାଳନ ହେଉଛି। କିନ୍ତୁ ଏହାର ଅସଲ ଉଦ୍ଦେଶ୍ୟ ଆଜି ବି ସମାଜର ଅନେକଙ୍କୁ ପ୍ରଭାବିତ କରି ପାରିନାହିଁ। କ୍ୟାନ୍ସର ଏକ ଭୟଙ୍କର ରୋଗ। ସିଗାରେଟ ଟାଣିବା ଏବଂ ଗୁଟଖା ବା ପାନ ମସଲା ଚୋବାଇବା ଦ୍ୱାରା ମଣିଷକୁ ଫୁସଫୁସ କ୍ୟାନ୍ସର ଓ ପାଟି କ୍ୟାନ୍ସର ହୋଇଥାଏ। ଗୁଟଖାରେ ଥିବା ମସଲାରେ ନିକୋଟିନ ଓ ଅନେକ ବିଷାକ୍ତ ପଦାର୍ଥ ଥାଏ, ଯାହା କି କ୍ୟାନ୍ସର ଭଳି ଦୁଃସାଧ ରୋଗ ସୃଷ୍ଟି କରାଇଥାଏ। ଏନସିଡିଆଇଆର୍ ରିପୋର୍ଟ ଅନୁସାରେ ଓଡ଼ିଶାରେ ୨୦୧୬ ରେ ୪୯, ୬୭୪ ଜଣ କ୍ୟାନ୍ସର ରୋଗୀ ଓଡ଼ିଶାରେ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୫, ୯୩୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏବେ ଓଡ଼ିଶାରେ ଦିନକୁ ୬୯ ଜଣ ରୋଗୀ କ୍ୟାନ୍ସରରେ ମରୁଛନ୍ତି। ଦେଶରେ ପ୍ରତି ଘଣ୍ଟାରେ ୮୪ ଜଣ ରୋଗୀ କ୍ୟାନସରରେ ମରୁଛନ୍ତି। ଏଥିରୁ ଏ ରୋଗର ଭୟାବହତା ପ୍ରମାଣିତ ହେଉଛି। ଏକ ରିପୋର୍ଟ ଅନୁସାରେ ଅନୁଗୋଳ ଜିଲ୍ଲାରେ ମାସକୁ ଦୁଇ କୋଟି ଟଙ୍କାର କେବଳ ପାନ ମସଲା ଓ ଗୁଟଖା ବିକ୍ରି ହେଉଛି। କଲେଜ୍ ପରିସରରେ ସିଗାରେଟ ଓ ସ୍କୁଲ ପରିସରରେ ପାନ ମସଲା ପିଲାଏ ଖାଉଛନ୍ତି। ବଡ଼ ହେଲାପରେ ଏହା ଅଭ୍ୟାସରେ ପଡ଼ିଯାଉଛି। ଏହାର ପରିଣାମ ୪୦ ବର୍ଷ ବୟସ ପରେ ଭୋଗିବାକୁ ପଡ଼ୁଛି। ବର୍ଷକେ ଦୁଇ ଚାରିଦିନ ମେଡିକାଲ କର୍ତ୍ତୃପକ୍ଷ ଚଢ଼ଉ କରି ଚୁପ୍ ହୋଇ ବସି ଯାଉଛନ୍ତି। ଫଳରେ ଦୋକାନୀମାନେ ବିନା ଦ୍ୱିଧାରେ ସିଗାରେଟ ଓ ଗୁଟଖା ବିକୁଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

ତାଳଚେର ମହାବିଦ୍ୟାଳୟର ପରୀକ୍ଷା ଫଳ

# ସ୍ନାତକରେ ମୋନାଲିସା ଓ ସ୍ନାତକୋତ୍ତରରେ ଅପରାଜିତା ଟପ୍ପର




**ଅନୁଗୋଳ, ୩୧।୫(ସମିସ)**

ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକ ପରୀକ୍ଷା ଫଳ ୨୦୨୪ ପ୍ରକାଶିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପରୀକ୍ଷା ଫଳ ପ୍ରକାଶନ ଅବସରରେ ମୁଖ୍ୟ ଅତିଥି ଭାବେ ତାଳଚେର ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ଯୋଗଦେଇ ପରୀକ୍ଷାଫଳ ପ୍ରକାଶନ କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରୀକ୍ଷା ନିୟନ୍ତ୍ରକ ବିରଞ୍ଚି ନାରାୟଣ ସାମଲ ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ କୃତୀ ଛାତ୍ର ଛାତ୍ରୀମାନଙ୍କ ପାସ ହାର ୮୮. ୪୪ ପ୍ରତିଶତ ହୋଇଥିବା ବେଳେ ବିଜ୍ଞାନରେ ୯୬. ୦୬%, କଳାରେ ୮୫. ୮୭%, ବାଣିଜ୍ୟରେ ୭୪. ୩୦% ରହିଛି। ସ୍ନାତକରେ ରସାୟନ ବିଜ୍ଞାନର ଛାତ୍ରୀ ମୋନାଲିସା ମହାରଣା ଶ୍ରେଷ୍ଠ ସ୍ନାତକ ହେବାର ଗୌରବ ଅର୍ଜନ କରିଥିବା ବେଳେ ସ୍ନାତକୋତ୍ତର ଓଡ଼ିଆରେ ଛାତ୍ରୀ ଅପରାଜିତା ବେହେରା ଟପ୍ପର ହୋଇଛନ୍ତି। ବିଜ୍ଞାନ ବିଭାଗରେ ରସାୟନ ବିଜ୍ଞାନ ଛାତ୍ରୀ ମୋନାଲିସା ମହାରଣା, କଳା ବିଭାଗରେ ଦର୍ଶନ ବିଭାଗ ଛାତ୍ରୀ ପୁଷ୍ପାଞ୍ଜଳି ସାହୁ ଓ ବାଣିଜ୍ୟ ବିଭାଗରେ ଛାତ୍ରୀ ରାଣୀ ଅଜିମା ପରବୀନ ସର୍ବାଧିକ ନମ୍ବର ରଖିଛନ୍ତି। ଭୂତତ୍ତ୍ୱରେ କିରଣ ଦାଶ, ଅର୍ଥନୀତିରେ କ୍ରିଷ୍ଣା ମଞ୍ଜରୀ ବିଶ୍ୱାଳ, ଶିକ୍ଷାରେ ପ୍ରଜ୍ଞା ପାରମିତା ନାୟକ, ଇଂରାଜୀରେ ଅନୁଷ୍କା ଚୌଧୁରୀ, ଇତିହାସରେ ବିଶ୍ୱଜିତ ଶତପଥୀ, ଓଡ଼ିଆରେ ଶ୍ୱେତାପ୍ରଜ୍ଞା ସାହୁ, ଦର୍ଶନ ଶାସ୍ତ୍ରରେ ପୁଷ୍ପାଞ୍ଜଳି ସାହୁ, ରାଜନୀତି ବିଜ୍ଞାନରେ ଶୁଭସ୍ମିତା ସାହୁ, ସଂସ୍କୃତରେ ଶୁଭସ୍ମିତା ଭୁତିଆ, ଉଦ୍ଭିଦ ବିଜ୍ଞାନରେ ସଂଗୀତା ସାହୁ, ରସାୟନ ବିଜ୍ଞାନରେ ମୋନାଲିସା ମହାରଣା, ଭୂତତ୍ତ୍ୱରେ ସୋନାଲିକା ସାହୁ, ଗଣିତରେ ସ୍ୱସ୍ତିକ ପ୍ରଧାନ, ପଦାର୍ଥ ବିଜ୍ଞାନରେ ରାଜୁ ବେଦି, ପ୍ରାଣୀ ବିଜ୍ଞାନରେ ସୋନାଲି ବେହେରା ଓ ବାଣିଜ୍ୟରେ ରାଣୀ ଅଜିମା ପରବିନ ସର୍ବୋଚ୍ଚ ନମ୍ବର ରଖି ଟପ୍ପର ହୋଇଛନ୍ତି। ସ୍ନାତକୋତ୍ତର ଓଡ଼ିଆ ବିଭାଗର ପରୀକ୍ଷା ଫଳରେ ଛାତ୍ର ଛାତ୍ରୀମାନଙ୍କ ପାସହାର ଶତପ୍ରତିଶତ ହୋଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ବିଭାଗୀୟ ମୁଖ୍ୟ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ଡ. ଅମରେନ୍ଦ୍ର ମିଶ୍ର ସଂଯୋଜନା କରିଥିବା ବେଳେ ଉପପରୀକ୍ଷା ନିୟନ୍ତ୍ରକ ରଂଜିତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମୋନାଲିସା



ଅପରାଜିତା



## ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

**କଣିହାଁ, ୩୧।୫(ସମିସ):** ପବିତ୍ର ମୋହନ ସରକାରୀ ଉଚ୍ଚ ବିଦ୍ୟାଳୟ କଣିହାଁର ପ୍ରଧାନଶିକ୍ଷକ ଦାଶରଥି ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଯାଇଛି।



ସମ୍ମାନିତ ଅତିଥି ଭାବରେ ଅଲୁମିନିର ସଭାପତି ସୁକାନ୍ତ ଚନ୍ଦ୍ର ପ୍ରଧାନ, ଏ ସ ଏ ମ ସି ସଭାପତି ଅଭିନ୍ନ ଚନ୍ଦ୍ର ପ୍ରଧାନ, ଆ ଲୁ ମି ନ ର ସମ୍ପାଦକ ଭୂପେନ ଗ ଡ଼ ନା ୟ କ , ଉ ପ ସ ଭା ପ ତି ସୁ ଧା କ ର ପ୍ରଧାନ, କାଳନ୍ଦୀ ଚରଣ ପ୍ରଧାନ, ଦେବଦତ୍ତ ପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦାନ କରି ବିଦାୟୀ ପ୍ରଧାନଶିକ୍ଷକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବିଦାୟୀ ବର୍ଷରେ ଦୁଇଜଣ ଛାତ୍ର ଏ ୱାନ ପାଇ ବିଦ୍ୟାଳୟ ପାଇଁ ଗର୍ବ ଆଣିଥିବାରୁ ସମସ୍ତେ ବିଦାୟୀ ପ୍ରଧାନଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସିଦ୍ଧି ପ୍ରସାଦ ସାହୁ ବିଦାୟୀ ପ୍ରଧାନ ଶିକ୍ଷକ ଦାଶରଥି ଜେନାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରି ବିଦ୍ୟାଳୟର ଉନ୍ନତି କଳ୍ପେ ସମସ୍ତଙ୍କ ସାହାଯ୍ୟ ସହଯୋଗ କାମନା କରିଥିଲେ। ଶିକ୍ଷକ ଭୀମସେନ ସାମଲ, ଅମିତା ଦେହୁରୀ, ଦେବାଶିଷ ହୋତା, ଚୌଧୁରୀ ସୁନା, ଦୀପକ ମଲ୍ଲିକ, ପ୍ରଶାନ୍ତ କୁମାର ବେହେରା,ବିନାୟକ ପ୍ରଧାନ, ସନ୍ତୋଷିନୀ ସାହୁ, ଗୋଦାବରୀ ଗଡ଼ନାୟକ, ବୀଣାପାଣି ସାହୁ,ଦିଲ୍ଲୀପ କୁମାର ପ୍ରଧାନ, ଇନ୍ଦ୍ରଜିତ ପ୍ରଧାନ, ଶୁକ୍ରୁ ସାହୁ, ବଟକୃଷ୍ଣ ସାହୁ ପ୍ରମୁଖ ସଭାରେ ଯୋଗଦାନ କରିଥିଲେ। ସନ୍ତୋଷିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ନାଲ୍‌କୋ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘର ବୈଠକ

# ବର୍ଦ୍ଧିତ ପେନ୍‌ସନ୍, ସ୍ୱାସ୍ଥ୍ୟସେବା ପ୍ରଦାନ ନେଇ ଆଲୋଚନା

ଅନୁଗୋଳ, ୩୧।୫(ସମିସ): ଉତ୍କୃଷ୍ଟ ଓ ଗୁଣବତ୍ତାର ଆଲୁମିନିୟମ ଉତ୍ପାଦନରେ ଯେଉଁମାନଙ୍କ ଶ୍ରମ, ସମୟ ଓ ଜୀବନକୁ ବାଜି ଲଗାଇ ନାଲକୋ ଲଗାତାର ଭାବେ ସଫଳତାର ରେକର୍ଡ ହାସଲ କରୁଛି, ଦେଶର ନବରତ୍ନ ମାନ୍ୟତା ପ୍ରାପ୍ତ ହୋଇଛି, ବିପୁଳ ରାଜସ୍ୱ ଦେଇ ଦେଶର ଅର୍ଥନୈତିକ ବ୍ୟବସ୍ଥାକୁ ସୁଦୃଢ଼ କରୁଛି, ସେହି ଶ୍ରମିକଙ୍କ ପରିଣତ ବୟସରେ ନାଲକୋର ଉତ୍ତରଦାୟିତ୍ୱ ରହୁନି।

● ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

କାର୍ଯ୍ୟରୁ ଅବସର ନେବା ପରେ ଶ୍ରମିକଙ୍କ କଲ୍ୟାଣ ପାଇଁ ସୁପ୍ରିମକୋର୍ଟଙ୍କ ଆଦେଶକୁ ମଧ୍ୟ ନାଲକୋ ଟାଳଟୁଳ ନୀତି ଅବଲମ୍ବନ କରୁଛି ବୋଲି ଶ୍ରମିକ ନେତାମାନେ ବ୍ୟକ୍ତବ୍ୟରେ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ବର୍ଦ୍ଧିତ ହାରରେ ପେନସନ୍ ଦେବା ପାଇଁ ୧୩୦୦ ରୁ ଅଧିକ ନାଲକୋ ଅବସରପ୍ରାପ୍ତ କର୍ମଚାରୀ ସେମାନଙ୍କ ଯୁଗ୍ମ ମତାମତ ଲିଖିତ ଭାବେ ନାଲକୋ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଆଞ୍ଚଳିକ ଭବିଷ୍ୟନିଧି ଅଧିକାରୀଙ୍କୁ ଦେଇଛନ୍ତି। ନାଲକୋ କର୍ତ୍ତୃପକ୍ଷଙ୍କ ତରଫରୁ ମଧ୍ୟ ଏହାକୁ ଅନୁମୋଦନ କରି ଭବିଷ୍ୟନିଧି କମିଶନରଙ୍କ ପାଖକୁ ପଠାଯାଇଥିଲେ ସୁଦ୍ଧା ୧୯୯୫ ମସିହାରୁ ଆବଶ୍ୟକୀୟ ନଥିପତ୍ର ନାଲକୋ କର୍ତ୍ତୃପକ୍ଷ ସଲଗ୍ନ କରି ନଥିବା ହେତୁ ଏହା ଦୀର୍ଘଦିନ ଧରି ଆଞ୍ଚଳିକ ଭବିଷ୍ୟନିଧିଙ୍କ ପାଖରେ ପଡ଼ିରହିଛି। ନାଲକୋ କର୍ତ୍ତୃପକ୍ଷ ଏ ଦିଗରେ ଯଥାଶୀଘ୍ର




ପଦକ୍ଷେପ ନେବାକୁ ବୈଠକରେ ଦାବି ହୋଇଥିଲା। ୨୦୧୭ମସିହାରୁ ବକେୟା ଥିବା ପିଆରପି ଚଳିତ ମାସରେ କର୍ମଚାରୀଙ୍କୁ ପ୍ରଦାନ କରାଯାଇଛି। ତା'ର ପୁନଃ ସମୀକ୍ଷା କରିବାକୁ ଦାବି ହୋଇଛି। ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ନାଲକୋ ଉଚିତ ପଦକ୍ଷେପ ନେବାକୁ ବୈଠକରେ ଦାବି ହୋଇଥିଲା। ନାଲକୋ ଅଧ୍ୟକ୍ଷ, ଆଞ୍ଚଳିକ ଭବିଷ୍ୟନିଧି ଆୟୋଗ ଓ ଶ୍ରମ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ନିବେଦନ କରାଯାଇଛି। ଦାବି ପୂରଣ ନହେଲେ ନାଲକୋ ମୁଖ୍ୟ କାର୍ଯ୍ୟାଳୟ ଏବଂ ଭବିଷ୍ୟନିଧି ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା କରାଯିବ ବୋଲି ଚେତାବନୀ ଦେଇଛନ୍ତି। ନାଲକୋ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘ ସଭାପତି ଗୋକୁଳାନନ୍ଦ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ବୈଠକରେ ଦଳଗତ ନିର୍ବିଶେଷରେ ସମସ୍ତ ଅବସରପ୍ରାପ୍ତ ନାଲକୋ କର୍ମଚାରୀଙ୍କ ପୂର୍ଣ୍ଣ ସହମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଆଜି ୫ଶହରୁ ଉର୍ଦ୍ଧ୍ୱ ଅବସରପ୍ରାପ୍ତ ନାଲକୋ କର୍ମଚାରୀ ସାମିଲ ହୋଇଥିଲେ। ସଂଗଠନକୁ ମଜ଼ଭୂତ କରିବା ସହ ନ୍ୟାର୍ଯ୍ୟ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚାସୀନ ନେତୃବୃନ୍ଦ ସଭାପତି ଗୋକୁଳାନନ୍ଦ ଜେନା, ସମ୍ପାଦକ ମାଙ୍ଗିଲାଲ ସାମଲ, ଶତ୍ରୁଘ୍ନ ତରାଇ, ବିନୋଦ ସେଠ, ପରେଶ ଜେନା, ଦିଲ୍ଲୀପ ମିଶ୍ର, ଗୋବିନ୍ଦ ମିଶ୍ର, ସନାତନ ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ଦିଲ୍ଲୀପ ସାମନ୍ତ ପ୍ରମୁଖ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ।

## ଅସହାୟ ସହାୟତା ସଂଘର ବାର୍ଷିକ ସମ୍ମିଳନୀ

**ବଇଣ୍ଡା, ୩୧।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ଅନ୍ତର୍ଗତ ବଇଣ୍ଡା କଲ୍ୟାଣ ମଣ୍ଡପ ଠାରେ ଅସହାୟ ସହାୟତା ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ସମ୍ମିଳନୀ ଓ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। ସଂଘର ସଞ୍ଜୟ କୁମାର ପ୍ରଧାନ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭା ରେ କୋଷାଧ୍ୟକ୍ଷ ରାମ ଚନ୍ଦ୍ର ପ୍ରଧାନ ବିବରଣୀ ପାଠ କରିଥିଲେ। ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ବଇଣ୍ଡା ଶାଖାର ପରିଚାଳକ ବିକେ ବିନି ଯୋଗଦେଇ ବିଶ୍ୱ ତମାଖୁ ବର୍ଜନ ଦିବସ ଉପରେ ଏକ ସୁନ୍ଦର ଭାବରେ ତମାଖୁ ବର୍ଜନ କରିବା ଦ୍ୱାରା କ'ଣ କ'ଣ ଲାଭ ହୋଇଥାଏ, ସେ ବିଷୟରେ ଆଲୋକପାତ କରିଥିଲେ। ଏଥି ସହ କିଭଳି ଭାବରେ ଭଲ ମଣିଷଟିଏ ହୋଇପାରିବା ଓ ଲୋକମାନଙ୍କ ସେବା କରିବା ଦ୍ୱାରା କ'ଣ ହୋଇଥାଏ, ସେ ଉପରେ ଆଲୋଚନା କରିଥିଲେ। ସଂଘ ପକ୍ଷରୁ ପ୍ରତି ମାସରେ କିଛି କିଛି କାର୍ଯ୍ୟକ୍ରମ କରାଯାଇଥାଏ। ଗରିବ ଲୋକଙ୍କୁ ସାହାର୍ଯ୍ୟ, ଘର ପୋଡ଼ି, କମଳ ବଣ୍ଟନ, ବ୍ଲଡ୍ କ୍ୟାମ୍ପ, ଲୁଗା ବଣ୍ଟନ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥାଏ। ସୁକାନ୍ତ କୁମାର ରଣା, ସୁରେଶ କୁମାର ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, କୃପାସିନ୍ଧୁ ନାୟକ, ବାବୁଲା ପ୍ରଧାନ, କୈଳାସ ଚନ୍ଦ୍ର ପାତ୍ର ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ। ଶେଷରେ ଆଶିଷ କୁମାର ସାହୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ।

## ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଅନୁଗୋଳ ରେଳଷ୍ଟେସନରେ ଦହି ସର୍ବତ ବଣ୍ଟନ




**ଅନୁଗୋଳ, ୩୧।୫(ସମିସ):** ଅନୁଗୋଳ ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଅନୁଗୋଳ ଜିଲ୍ଲାର ଶିରିଡ଼ି ସାଇ ଆମ୍ ଦର୍ଶନ ଚାରି ଟେବୁଲ୍ ଟ୍ରଷ୍ଟ ସଭାପତି ବିଦ୍ୟାଧର ନାଏକ ଓ ଅନୁଗୋଳ ତାଇକୋଣ୍ଡୋ ସଂଘ ଅନୁଗୋଳର ପ୍ରତିଷ୍ଠାତା ଓ ସମ୍ପାଦକ ଦୁଷ୍ମନ୍ତ କୁମାର ନାଥ ଓ ଦୁଇ ଅନୁଷ୍ଠାନର କର୍ମ କର୍ତ୍ତାଙ୍କ ମିଳିତ ଆନୁକୂଲ୍ୟରେ ଅନୁଗୋଳ ରେଳଷ୍ଟେସନରେ ଯାତ୍ରୀମାନଙ୍କୁ ଦହି ସର୍ବତ ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶିରିଡ଼ି ସାଇ ଆମ୍ଦର୍ଶନ ଚାରିଟେବୁଲ୍ ଟ୍ରଷ୍ଟର ସଂଯୋଜକ ଅଜୟ କୁମାର ତ୍ରିପାଠୀ, ସମ୍ପାଦକ ରମାନନ୍ଦ ପଣ୍ଡା, ସଦସ୍ୟ ସୁଶାନ୍ତ କୁମାର ମେହେର, ଶରତ ଚନ୍ଦ୍ର ସାହୁ, ଅଶୋକ ଦାସ, ତପୁ ତ୍ରୀପାଠୀ, ବିଭୀଷଣ ଚୌଧରି ଓ ଅନୁଗୋଳ ତାଇକୋଣ୍ଡୋ ସଂଘ, ଅନୁଗୋଳର ଜାତୀୟ ଖେଳାଳି ଓ କନ୍ୟାରତ୍ନ ପୁରସ୍କାରପ୍ରାପ୍ତ ଜସଲିଁ ସାହୁ, ଶ୍ରଦ୍ଧାଞ୍ଜଳି ସ୍ୱାଇଁ, ଶ୍ରୀୟାଶ୍ରୀ ପ୍ରଧାନ, ଜୁଲି ନାଏକ, ବିକାଶ କୁମାର ମିଶ୍ର, ଯିନେନ୍ଦ୍ର କୁମାର ପ୍ରଧାନ, ସୁଦୀପା ସାହୁ, ସୃପ୍ତି ପ୍ରିୟା ସାହୁ, ସୁବରଣ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରୁଥିଲେ।

# ତାଳଚେର ରାଜରାସ୍ତା ପାଲଟିଛି ଗୋରୁ ଗୁହାଳ

**ତାଳଚେର ସଦର, ୩୧।୫(ସମିସ)**

ତାଳଚେର ଅଞ୍ଚଳର ଥିବା ବିଭିନ୍ନ ମୁଖ୍ୟ ରାସ୍ତାଗୁଡ଼ିକ ବୁଲା ଗାଇଗୋରୁଙ୍କ ଗୁହାଳ ପାଲଟିଛି। ଏବେ ଯେଉଁ ଆଡ଼କୁ ଗଲେ ପଲ ପଲ ଗାଇ ରାସ୍ତାରେ ବୁଲିବା ସହ ଶୋଇ ରହୁଛନ୍ତି। ଫଳରେ ଏହି ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟିହେଉଛି। ଅନେକ ସମୟରେ ଗମନାଗମନ ବେଳେ ରାସ୍ତା ଜାମ୍ ଓ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି

● ଟ୍ରାଫିକ ସମସ୍ୟା ସହ ବଢୁଛି ଦୁର୍ଘଟଣା

ହେଉଥିବାରୁ ବାଟୋଇମାନେ ଆହତ ହେଉଛନ୍ତି। ଏହାକୁ ସମସ୍ତେ ଦେଖୁଥିଲେ ସୁଦ୍ଧା ବାଟ ଭାଙ୍ଗି ଯିବା ଛଡ଼ା ଅନ୍ୟ ଉପାୟ କିଛି ନାହିଁ। ତାଳଚେର ପୌର ପରିଷଦର ଜନସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରାସ୍ତାର ସ୍ଥାନେ ସ୍ଥାନେ ବିଭିନ୍ନ କିସମର ବ୍ୟାବସାୟିକ ସଂସ୍ଥା ମଧ୍ୟ ବଢ଼ି ଚାଲିଛି। ଗାଇଗୋରୁଙ୍କ ଚଳପ୍ରଚଳ ଯୋଗୁ



ପୌର ରାସ୍ତା ସର୍ବଦା ବିପଦପୂର୍ଣ୍ଣ ହୋଇପଡ଼ିଛି। ବିଭିନ୍ନ ୱାର୍ଡର ମୁଖ୍ୟ ରାସ୍ତାଗୁଡ଼ିକ ଉପରେ ଶହ ଶହ ବୁଲା ଗାଇ ଏବଂ କୁକୁରଙ୍କ ବିଶ୍ରାମସ୍ଥଳ ପାଲଟିଛି। ରାସ୍ତାରେ ଗାଇଗୋରୁଙ୍କ ଗୋବର, ପରିସ୍ରା ଗନ୍ଧରେ ପରିବେଶ ଦୁର୍ଗନ୍ଧମୟ ହୋଇପଡ଼ିଛି। ତାଳଚେର ସହରର ବଡ଼ବଜାର, ବଡ଼ସାହି, ମଣ୍ଡାପାଳ ଡାକ୍ତରଖାନା ଛକ, ଫାଷ୍ଟଗେଟ୍, ପବିତ୍ରମୋହନ ଛକ, ବାଇପାସ୍ ଜାତୀୟ ରାଜପଥ, ହାଟତୋଟା, ଶର୍ମାଛକ, ହାଣ୍ଡିଧୂଆ ଛକ, ମହାଦେବବିହାର ଛକ ଆଦି ସ୍ଥାନରେ ସର୍ବଦା ଗାଇଗୋରୁ ରାସ୍ତାରେ ଶୋଇ ରହୁଛନ୍ତି। ଏହାଦ୍ୱାରା ମୁଖ୍ୟରାସ୍ତାରେ ଯାନବାହାନ ଚଳାଚଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଅନେକ ଗୋରୁଗାଇ ଟ୍ରକ୍ ଧକ୍କାରେ ମୃତାହତ ହେଉଛନ୍ତି। ଗାଇ ପାଳୁଥିବା ଲୋକେ କ୍ଷୀର ସଂଗ୍ରହ ପରେ ବାହାରକୁ ଛାଡ଼ି ଦେଉଛନ୍ତି। ଗୃହପାଳିତ ପ୍ରାଣୀଙ୍କ ପ୍ରତି ଅବହେଳା କରାଯାଉଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବରୁ ବୁଲା ଗାଇଗୋରୁ ରାସ୍ତାରେ ବୁଲିଲେ ସେମାନଙ୍କୁ କାଞ୍ଜିଆହୁଦାରେ ଭର୍ତ୍ତି କରାଯାଇ ମାଲିକଙ୍କୁ ଜରିମାନା କରାଯାଉଥିଲା ଓ ଜରିମାନା ଦେଇ ସେମାନେ ନିଜ ନିଜର ଗୃହପାଳିତ ପଶୁଙ୍କୁ ଘରକୁ ନେଉଥିଲେ। ଆଜି ସେଭଳି ପରିସ୍ଥିତି ଆଉ ନାହିଁ। ପୌରସଂସ୍ଥାର ଏଥିପ୍ରତି ନିୟନ୍ତ୍ରଣ ନାହିଁ। ଫଳରେ ରାସ୍ତା ବୁଲା ଗାଇଗୋରୁଙ୍କ ଦ୍ୱାରା ଦିନକୁ ଦିନ ଅସହ୍ୟ ହୋଇପଡୁଛି। ଅପରପକ୍ଷରେ ତାଳଚେରରେ ଦୈନିକ ବାରମ୍ବାର ବିଦ୍ୟୁତ୍ କାଟ ହେଉଥିବାରୁ ସନ୍ଧ୍ୟା ସମୟରେ ରାସ୍ତାରେ ଗାଇ ଶୋଇ ରହୁଥିବାରୁ ବାଟୋଇମାନେ ଏହାକୁ ଦେଖି ନପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏନେଇ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ଓ ବିପର୍ଯ୍ୟସ୍ତ ଅବସ୍ଥା ସୃଷ୍ଟି ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଲୋକଙ୍କ ଗୃହ ଉପକରଣ ସାମଗ୍ରୀ ମାସ ମାସ ଧରି ପକାଇ ରଖିବା ଦ୍ୱାରା ରାସ୍ତା ଅବରୋଧକୁ ବଢ଼ିବା ସହ ରାସ୍ତାପାର୍ଶ୍ୱରେ ଗାଇଗୋରୁଙ୍କ ଗୋବର ଓ ଆବର୍ଜନା ଗଦାହୋଇ ରହିବା କାରଣରୁ ପରିବେଶ ଅଧିକ କଦର୍ଯ୍ୟ ଓ ଦୂଷିତ ହୋଇପଡୁଛି। ଗାଇଗୋରୁଙ୍କ ପରି ବୁଲାକୁକୁର ପଲ ବିଭିନ୍ନ ଛକରେ ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ଅନେକ ଲୋକ କୁକୁର କାମୁଡାରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। ବୁଲା ଗାଇଗୋରୁ ଓ କୁକୁରଙ୍କୁ ନିୟନ୍ତ୍ରଣ କରାଯିବା ସହ ତୁରନ୍ତ ପୌର କର୍ତ୍ତୃପକ୍ଷ ଏଥିପ୍ରତି ପଦକ୍ଷେପ ନେବାକୁ ସହରବାସୀଙ୍କ ପକ୍ଷରୁ ଦାବି ହୋଇଛି।



# ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଅନୁଗୋଳ, ୩୧।୫(ସମିସ):** ଅନୁଗୋଳ ସଦର ଥାନା ଅନ୍ତର୍ଗତ ଛେଳିଆପଡ଼ା ଛକ ନିକଟରେ ମାରଣାସ୍ତ୍ରରେ ଦୁଇ ଯୁବକଙ୍କୁ ଆକ୍ରମଣ କରାଯାଇଥିବା ଜଣାଯାଇଛି। ଗୁରୁତର ଅବସ୍ଥାରେ ସେମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଛେଳିଆପଡ଼ା ଗ୍ରାମର ସନ୍ତୋଷ କୁମାର ଭଞ୍ଜଙ୍କ ପୁଅ ଭବାନି ଶଙ୍କର ଭଞ୍ଜ (୨୭) ଏବଂ କାଙ୍ଗୁଲା ଗ୍ରାମର ଚନ୍ଦ୍ରଶେଖର ସେଠି (୨୪)ଙ୍କ ପୁଅ ତନ୍ମୟ ସେଠି ପିଇବା ପାଣି ସପ୍ଲାଇ ଦିଅନ୍ତି। ଶୁକ୍ରବାର ଅପରାହ୍ନ ସମୟରେ ବେନ୍ତପୁର ବ୍ରିଜ ତଳେ ଦୁଇଜଣ ବସିଥିବା ବେଳେ ବାଇପାସ୍ ରାସ୍ତା କାର୍ଯ୍ୟ କରୁଥିବା ଜଣେ ଅଧିକାରୀ ଡିଜି ଚୋରି ହୋଇଥିବା କହିଥିଲେ। ଦୁଇଜଣ ଡିଜି



ଚୋରି ହୋଇଥିବା କିଛି ଯୁବକଙ୍କୁ ପଚାରିବାରୁ ଯୁବକମାନେ ଯୁକ୍ତି ଆରମ୍ଭ କରିଥିଲେ। ସନ୍ଧ୍ୟା ସମୟରେ ଛେଳିଆପଡ଼ା ରାସ୍ତା ଜାମ୍ ଥିବାରୁ ଦୁଇଜଣ ଯାକ କାରରେ ଯାଇ ରାସ୍ତା ଜାମ୍‌କୁ ହଟାଇବାକୁ ଚେଷ୍ଟା କରୁଥିବା ବେଳେ ଚାରୋଟି ବାଇକ୍ ରେ ୮ ଜଣ ଯୁବକ ଆସି ପ୍ରଥମେ କାର ଉପରକୁ ପଥର ମାଡ଼ କରିଥିଲେ। କାର ଡୋର ଖୋଲି ଦେଖିଲା ବେଳେକୁ ଯୁବକମାନେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ତନ୍ମୟ ଘଟଣାସ୍ଥଳରୁ ଖବର ଦେବା ପାଇଁ ଭବାନିଙ୍କ ଘରକୁ ଦୌଡ଼ି ଯାଇଥିଲେ। ଏ ପଟେ ଯୁବକମାନେ ଭବାନିକୁ ଘୋଷାଡ଼ି ଘୋଷାଡ଼ି ନେଇ ଶିବମନ୍ଦିର ପାଖରେ ପକାଇ ଦେଇଥିଲେ। ଗାଁ ଲୋକମାନେ ଏହା ଦେଖି ଭବାନୀଙ୍କ ଘରକୁ ଖବର୍ ଦେଇଥିଲେ। ଭବାନୀଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁଇଜଣଙ୍କ ଠାରୁ ଦୁଇ ମୋବାଇଲ ଫୋନ, ସୁନା ଚେନ୍, ନଗଦ ଟଙ୍କା ଚୋରି କରି ନେଇଛନ୍ତି ବୋଲି ତନ୍ମୟ କହିଛନ୍ତି। ଭବାନୀଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ପଟେ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି।

# ଓଡ଼ାପଡ଼ା ସାମୂହିକ ଆଚାର୍ଯ୍ୟ କର୍ମଶାଳା ଲାଗି ପ୍ରସ୍ତୁତି ବୈଠକ



**ଢେଙ୍କାନାଳ, ୩୧।୫(ସମିସ):** ଓଡାପଡ଼ା ବ୍ଲକ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡାପଡ଼ା ସଂକୁଳର ୨୦୨୪-୨୫ ଶିକ୍ଷାବର୍ଷର ସାମୂହିକ ଆଚାର୍ଯ୍ୟ କର୍ମଶାଳାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ସଭାପତି ବସନ୍ତ କୁମାର ବେହେରା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୁର୍ଗାଚରଣ ରାଉତ ଉପସ୍ଥିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ ଓ ବୈଠକ ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ବିଦ୍ୟାଭାରତୀ 'ଶିକ୍ଷାବିକାଶ ସମିତି ଓଡ଼ିଶାଙ୍କ ଅନୁଯାୟୀ ଏହି ସାମୂହିକ ଆଚାର୍ଯ୍ୟ କର୍ମଶାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓଡାପଡ଼ା ଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ଆସନ୍ତା ଜୁନ୍ ୮ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣରେ ମୋଟ୍ ୧୭ଟି କାଳାଂଶର ତାଲିମ୍ ୧୨୦ ଆଚାର୍ଯ୍ୟ, ଆଚାର୍ଯ୍ୟା ମାନଙ୍କୁ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଜାତୀୟ ଶିକ୍ଷା ନୀତି ପାଠ୍ୟକ୍ରମ ରୂପେ ଇଂରାଜୀ, ସୁଲିଖନ, ଓଡିଆ ସୁଲିଖନ, ମାତୃଭାଷା, ଗଣିତ, ବିଜ୍ଞାନ, ଇତିହାସ, ଭୂଗୋଳ ଉପକରଣ ପ୍ରସ୍ତୁତି, ଘର ହିଁ ବିଦ୍ୟାଳୟ ପ୍ରକଳ୍ପ ଭିତିକ ଶିକ୍ଷା ଦୈନିକ ପାଠ୍ୟ ଟୀକା, ଲେସନ୍ ପ୍ଲାନ୍, ପରୀକ୍ଷା ଓ ପ୍ରଗତିର ପ୍ରସ୍ତୁତି ସାମୁହିକ ଅଭ୍ୟାସ ଗୀତ, ଶାରୀରିକ କାଳାଂଶ, ଯୋଗାଭ୍ୟାସ ଓ ଧନ୍ଦାମୂଳକ ଶିକ୍ଷା ସମ୍ବନ୍ଧରେ ଆଦର୍ଶ ଶ୍ରେଣୀ ଶିକ୍ଷାଦାନ ଦିଆଯିବାର ବ୍ୟବସ୍ଥା କରାଯାଇଅଛି। ପ୍ରତି ସଂଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ରହିଅଛି। ଉକ୍ତ ବୈଠକରେ ଓଡାପଡ଼ାର ସଂକୁଳ ସଂଯୋଜକ ବସନ୍ତ କୁମାର ସ୍ୱାଇଁ ପୂର୍ବ ପ୍ରସ୍ତୁତି ବୈଠକର କାଳାଂସ ଗୁଡିକ ସାରଣୀ ପ୍ରସ୍ତୁତ କରି ଆଚାର୍ଯ୍ୟ, ଆଚାର୍ଯ୍ୟାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଆୟୋଜକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିଚାଳନା ସମିତିର ସମ୍ପାଦିକା ବନଲତା ମହାପାତ୍ର ଆଚାର୍ଯ୍ୟ କର୍ମଶାଳାର ସମସ୍ତ ବ୍ୟବସ୍ଥା ପକ୍ଷ ଦାୟିତ୍ୱ ନେବା ପାଇଁ ଅଙ୍ଗୀକାର ବଦ୍ଧ କରିଥିଲେ। ଏହି ବୈଠକରେ ବିଦ୍ୟାଳୟ ପରିଚାଳନା ସମିତିର ଯୁଗ୍ମ ସମ୍ପାଦକ ସୌମ୍ୟରଞ୍ଜନ ବେହେରା, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାଭୋଇ, ସଦସ୍ୟା ସଂଘମିତ୍ରା ସାହୁ ଉପସ୍ଥିତ ଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ/ଗୁରୁମା ବୈଠକରେ ସହଯୋଗ କରିଥିଲେ। ପରିଶେଷରେ ବିଦ୍ୟାଳୟ ସହ-ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମାଜିକ କର୍ମୀଙ୍କ ପରଲୋକ

**ବଇଣ୍ଡା, ୩୧।୫(ସମିସ):** ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଥାନା ବିଳେଇନାଳୀ ଗ୍ରାମର ସାମାଜିକ କର୍ମୀ ତଥା ପଶୁ ବିଭାଗର ଅବସରପ୍ରାପ୍ତ ଡେପୁଟି ଡାଇରେକ୍ଟର ଡ ସୁନିଆ ପ୍ରଧାନ (୯୫)ଙ୍କ ମଙ୍ଗଳବାର ତାଙ୍କ ପୁଅ ରହୁଥିବା କଟକ ବାସ ଭବନରେ ପରଲୋକ ହୋଇଯାଇଛି। ସେ କିଛି ମାସ ହେବ ଅସୁସ୍ଥ ଥିଲେ। ମୃତୁବେଳେ ତାଙ୍କର ପୁଅ, ବୋହୂ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଳେଇନାଳୀ ପଞ୍ଚାୟତରେ ଶୋକର ଛାୟା ଖେଳି ଯାଇଛି।

## ଅନୁଗୋଳରେ ପ୍ରଚଣ୍ଡ ତାତି

# ଅଂଶୁଘାତରେ ୭ଜଣଙ୍କ ମୃତ୍ୟୁ ଆଶଙ୍କା







**ଅନୁଗୋଳ, ୩୧।୫(ସମିସ)**

ଅନୁଗୋଳରେ ଖରା ଦିନକୁ ଦିନ ବଢ଼ିଚାଲିଛି, ଗତ ଦୁଇଦିନ ଧରି ଖରା ସାଙ୍ଗକୁ ଗୁଳୁଗୁଳିରେ ଲୋକେ ଆଉଟୁ ପାଉଟୁ ହେଉଛନ୍ତି। ଆଜି ଅନୁଗୋଳର ତାପମାନ ୪୨.୩ ଡିଗ୍ରୀ ହୋଇଥିବା ବେଳେ ମାତ୍ରାଧିକ ଆର୍ଦ୍ରତା ଯୋଗୁଁ ୫୦ ଡିଗ୍ରୀର ତାପମାନ ଅନୁଭୂତ ହେଉଛି। ଅଂଶୁଘାତ ନେଇ ଯେତେ ସତର୍କତା ଜାରି କରାଗଲେ ମଧ୍ୟ ଅନେକେ ଏହାକୁ ମାନୁ ନାହାନ୍ତି। ଆଜି ଗୋଟିଏ ଦିନରେ ୭ଜଣଙ୍କର ମୃତ୍ୟୁ ଘଟି ଥିବାବେଳେ ସେସବୁ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ରହିଛନ୍ତି ପ୍ରଶାନ୍ତ କୁମାର୍ ସାହୁ(୫୦), ଘର କୁରୁଡ଼ା। ଏଫସିଆଇ ଗେଟ୍ ପାଖରେ ତାଙ୍କର ସାଇକଲ ମରାମତି ଦୋକାନ ଅଛି। ସେ ଘରକୁ ଫେରୁଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଅନୁଗୋଳ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟ ମୃତକ ହେଲେ ଜରାସିଂହାର ମନ୍ଦର ସାହୁ(୫୦)। ସେ ଘରକୁ ଫେରୁଥିବା ବେଳେ ହଠାତ୍ ଗାଁ ଛକରେ ଟଳି ପଡ଼ିଥିଲେ। ତାଙ୍କୁ ଅନୁଗୋଳ ଡାକ୍ତରଖାନା

- ୧୨ ଅସୁସ୍ଥ ଏକାଧିକ ୱାର୍ଡରେ ଭର୍ତ୍ତି
- ୨ ଗୁରୁତରଙ୍କୁ କଟକ ସ୍ଥାନାନ୍ତର
- ଖରା ଓ ଗୁଳୁଗୁଳି କରୁଛି ଅସ୍ତବ୍ୟସ୍ତ

ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ତୃତୀୟ ମୃତକ ଜଣକ ହେଲେ ବୈଶାଖୁ ଗୋପ, ଘର ଝାଡ଼ଖଣ୍ଡ, କଣିହାଁର ଏକ କାରଖାନାରେ ଡ୍ରାଇଭର ଭାବେ କାମ କରନ୍ତି। ସେ ଦିନବେଳା କାମ କରୁଥିବା ବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଅନୁଗୋଳ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜରପଡ଼ା ଥାନା କନ୍ଧ କୋରଡ଼ା ଗାଁର ପ୍ରତାପ ପ୍ରଧାନଙ୍କ ସ୍ତ୍ରୀ ପ୍ରମିଳା ପ୍ରଧାନ(୩୫)ଙ୍କ ଅଂଶୁଘାତ ଜନିତ ମୃତ୍ୟୁ ଘଟିଥିବା ପରିବାର ଲୋକ ଦାବି କରିଛନ୍ତି। ଦିନ ଖରାରେ କାମକରିବା ପରେ ସେ ସନ୍ଧ୍ୟାରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଅନୁଗୋଳ ଡାକ୍ତରଖାନା ନିଆ ଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଭଳି ସଦର ଥାନା ଅନ୍ତର୍ଗତ ଖିରକୋଳିପୋଷି ଗାଁର ନାଥ ନାୟକ ଛେଳି ଚରାଇବାକୁ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ସେଠାରେ ସେ ଅସୁସ୍ଥ ହେବା ସହିତ ଟଳି ପଡ଼ିଥିଲେ। ଗାଁ ଲୋକ ଖବର ପାଇ ନାଥଙ୍କୁ ଅନୁଗୋଳ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ସେମାନଙ୍କ ଶବକୁ ବ୍ୟବଚ୍ଛେଦ କରାଇ ରିପୋର୍ଟକୁ ଅପେକ୍ଷା କରିଛି। ଏହାଛଡା ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଖରା ଓ ଗୁଳୁ ଗୁଳି ଯୋଗୁଁ ଏକାଧିକ ଅସୁସ୍ଥ ହୋଇ ଅନୁଗୋଳ ଡାକ୍ତରଖାନାକୁ ଆସିଥିଲେ। ସେମାନେ ହେଲେ ପଶ୍ଚିମବଙ୍ଗର ପଲାସି ସେଖ, କଙ୍କଡ଼ାହାଡ଼ର ମୁରଲୀ ପ୍ରଧାନ, ନିଶାର ଶ୍ରମିକ ପ୍ରଭାତ ସାହୁ, ଅନୁଗୁଳର ଶୁଭଶ୍ରୀ ସାହୁ ଓ ବାଲିଯେରେଙ୍ଗ ଗାଁର ସୁବର୍ଣ୍ଣ ନାୟକ, ନର୍ମଦା ନାୟକ, ଖଲାରି, ଅଜୟ ପ୍ରସାଦ, ଝାରଖଣ୍ଡ, ନିର୍ମଳ ସାହୁ, ବଡ଼ କନ୍ତକୁଳ, ସାଗର ମୁଖୀ ହୁଲୁରୁସିଂହା, ଦିଲୀପ ମନହିରା, କତଡ଼ା, ମାଣିକ ମହତୋ, ପଶ୍ଚିମବଙ୍ଗ, ନାଗବନ୍ତ ଓରାମ, ଝାରଖଣ୍ଡ। ଅଂଶୁଘାତରେ ପୀଡିତଙ୍କୁ ବିଭିନ୍ନ ୱାର୍ଡରେ ରଖାଯାଇଥିବା ବେଳେ ଅନେକ ୱାର୍ଡ ଏସି ଅଚଳ ହୋଇ ପଡ଼ିଥିବାରୁ ରୋଗୀମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥିଲା। ଗୁରୁତର ରୋଗୀଙ୍କ ମଧ୍ୟରୁ ଅଜୟ ପ୍ରସାଦ, ସାଗର ମୁଖୀ, ନାଗର ବନ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

## ■ ରାଜରାଜୁଡ଼ା ଅମଳର ଭାଗୀରଥି ସାଗରର ପୁନରୁଦ୍ଧାର

# ଖୋଳାଯାଇଥିବା ପଙ୍କ ଓ ମାଟି ସ୍ଥାନାନ୍ତର ଦାବି



**ଢେଙ୍କାନାଳ, ୩୧।୫(ସମିସ):** ସ୍ଥାନୀୟ ରାଜାରାଜୁଡ଼ା ଅମଳର ଭାଗିରଥି ସାଗରର ପୁନରୁଦ୍ଧାର କାର୍ଯ୍ୟ ଚାଲୁଥିବା ବେଳେ ଏହାର ପଙ୍କ ଓ ମାଟିକୁ ସ୍ଥାନାନ୍ତରିତ କରାଯିବା ପାଇଁ ବିଭିନ୍ନ ମହଲରେ ଦାବି କରାଯାଇଛି। ଏହି ବୈଠକରେ ପୌରାଧକ୍ଷା ଜୟନ୍ତୀ ପାତ୍ର ଓ ଅନ୍ୟ ଦୁଇଜଣ ରାଜ୍ୟ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଏକ ବୈଠକ ପୌରପାଳିକା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ନିଷ୍ପତ୍ତି ଅନୁଯାୟୀ ପୁଷ୍କରିଣୀ ମଧ୍ୟରୁ ସମସ୍ତ ପଙ୍କ ଓ ମାଟି ବାହାରକୁ ସ୍ଥାନାନ୍ତରିତ କରାଯିବ। ସେହି କ୍ରମରେ ଗତ ୧୭/୫/୨୦୨୪ ଦିନ ପୌର ଯନ୍ତ୍ରୀ, ପୌର ନିର୍ବାହୀ ଅଧିକାରୀ ଏବଂ ଭାଗିରଥି ସାଗର ସୁରକ୍ଷା ସମିତିର ସମ୍ପାଦକ, ସଭାପତି ଓ ସଦସ୍ୟ ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ଯେ ଅଚାନକ ବର୍ଷା ଦୃଷ୍ଟିରୁ ପଙ୍କ ମାଟି ଗୋଟିଏ କୋଣରେ ଜମାକରି ପରେ ନିଷ୍କାସନ କରାଯିବ। ମାତ୍ର କିଛି ମାଟିକୁ ଦକ୍ଷିଣ-ପୂର୍ବ କୋଣରେ ଜମା କରାଯାଇ ଆଉ କିଛି ମାଟି ପୁଷ୍କରିଣୀ ଭିତରେ ଚାରିପାଖରେ ପକାଯାଇ ପୋଖରୀର ଚତୁଃପାର୍ଶ୍ୱ ପ୍ରାୟ ୩୦ଫୁଟ୍ ପୋଖରୀ ପୋତାଯିବା ପ୍ରୟାସ ଅନୁମାନ କରାଯାଉଛି। ଏହାକୁ ବିରୋଧ କରି ଉକ୍ତ ପଙ୍କ ଓ ମାଟିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ସୁରକ୍ଷା ସମିତିର ଉପଦେଷ୍ଟା ପୂର୍ବତନ ପୌରାଧକ୍ଷ୍ୟ ତଥା ଆଇନଜୀବୀ ସୁରେନ୍ଦ୍ର କୁମାର ମିଶ୍ର, ସଭାପତି ପଙ୍କଜ ନାୟକ, ଉପସଭାପତି ମନ୍ମଥ ରାଓ, ଉଦୟ କୁମାର ବେହେରା, ସମ୍ପାଦକ ଅଶୋକ ସ୍ୱାଇଁ, ବିକାଶ କୁମାର ସ୍ୱାଇଁ, ଅବିନାଶ ସାହୁ, ସୁବ୍ରତ କୁମାର ହୋତା, ସୌମ୍ୟବ୍ରତ ସାହୁ ପ୍ରମୁଖ ପୌରନିର୍ବାହୀ ଅଧିକାରୀ ଓ ପୌର ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପୂର୍ବ ବୈଠକରେ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଏହାର କାର୍ଯ୍ୟ କରାଯାଉ। ଏହି କାର୍ଯ୍ୟ ସଠିକ ଭାବରେ କରାଯିବାପାଇଁ ସମିତିର ସଦସ୍ୟବୃନ୍ଦ, ଭାଗିରଥି ସାଗରର ଚତୁଃପାର୍ଶ୍ୱରେ ବସବାସ କରୁଥିବା ଅଧିବାସୀ ଏବଂ ଢେଙ୍କାନାଳର ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଦାବି କରିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଢେଙ୍କାନାଳ, ୩୧।୫(ସମିସ):** ଢେଙ୍କାନାଳ ପୌରାଞ୍ଚଳର ୨ନଂ ୱାର୍ଡରେ ଅବସ୍ଥିତ ଡ. ଦାଶରଥି ମିଶ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ତଥା ଶିକ୍ଷାବିତ୍ ଡ. ଭବାନୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସୁଲେଖିକା ତଥା ସୁଦୂର ଆମେରିକାରେ ବାସ କରୁଥିବା ଡ. ଶିତିକଣ୍ଠ ଦାଶଙ୍କ ଧର୍ମପତ୍ନୀ କଳ୍ପନା ମୟୀ ଦାଶ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସୁସ୍ଥ ନିରାମୟ ଜୀବନ କାମନା କରିବା ସହ ବିଦ୍ୟାଳୟ ପ୍ରତି ତାଙ୍କର ମହାନ୍ ଅବଦାନ ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ରୂପେ ପ୍ରଶାନ୍ତ ମିଶ୍ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ରବୀନ୍ଦ୍ର ମଲ୍ଲିକ ଅବସରପ୍ରାପ୍ତ ଏଲ୍ଆଇସି ଅଫିସର, ଗୁରୁଚରଣ ପାତ୍ର ପରିଚାଳନା କମିଟି ସଭ୍ୟ, କାହ୍ନୁଚରଣ ସାହୁ ଛାତ୍ର ଅଭିଭାବକ, ଶୁଭେନ୍ଦୁ ମହାପାତ୍ର ପରିଚାଳନା କମିଟିର ସଭାପତି ତଥା ଓଷ୍ଟା ସଂଘର ଜିଲ୍ଲା ସଭାପତି ବିଭୁତି ସାମଲ ପ୍ରଭୃତି ଯୋଗଦେଇ ମିଶ୍ରଙ୍କ ବିଦ୍ୟାଳୟ ପ୍ରତି ଅବଦାନ, ତାଙ୍କର ନିଷ୍ଠା, ତ୍ୟାଗ ଉପରେ ଆଲୋଚନା କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ହରପ୍ରିୟା ସାହୁ, ଅବିନାଶ ସାମଲ ପ୍ରଭୃତି ପ୍ରଧାନ ଶିକ୍ଷୟିତ୍ରୀଙ୍କ ପ୍ରଶସ୍ତି ଗାନ କରି ବିଦାୟକାଳୀନ ସଙ୍ଗୀତ ଗାନ କରିଥିଲେ।

## ତାଳଚେର ଜଗନ୍ନାଥ ମନ୍ଦିର

# ମହାପ୍ରଭୁଙ୍କ ହଳଦୀ ପାଣି ଉତ୍ସବ ସହ ବାହାର ଚନ୍ଦନଯାତ୍ରା ଶେଷ





**ତାଳଚେର, ୩୧।୫(ସମିସ)**

ତାଳଚେର ଜଗନ୍ନାଥ ମନ୍ଦିରରେ ଶ୍ରୀ ମହାବାହୁଙ୍କ ହଳଦୀପାଣି ଉତ୍ସବ ସହ ମହାପ୍ରଭୁଙ୍କ ୨୧ଦିନିଆ ବାହାର ଚନ୍ଦନଯାତ୍ରା ଶେଷ ହୋଇଛି। ଏହି ଅବସରରେ ସନ୍ଧ୍ୟାରେ ବ୍ରାହ୍ମଣୀ ନଦୀ ପଠାରେ ଚନ୍ଦନଦଶ ଠାକୁର ବିଜେ ହୋଇଥିଲେ। ମନ୍ଦିର ପରମ୍ପରା ଅନୁସାରେ ଚାପ ଅନୁଷ୍ଠିତ ହୋଇଥିଲା। କାଠ ପିଚକାରୀ ଦ୍ୱାରା ହଳଦୀ ପାଣିରେ ଠାକୁର ଖେଳିଥିଲେ। ପୂଜାର୍ଚ୍ଚନା ସହ ଠାକୁରଙ୍କ ବନ୍ଦାପନା ନୀତି ବଢ଼ିଥିଠିଲା। ଚନ୍ଦନ ଆରମ୍ଭ ତଥା ଅକ୍ଷୟ ତୃତୀୟାରେ ଚାପକୁ ଆବାହନ କରାଯାଇଥିଲା। ଆଜି ଚାପକୁ ବନ୍ଦାପନା କରାଯାଇ ବିସର୍ଜନା କରାଗଲା। ଅପରାହ୍ଣ ସମୟରେ ଦେଉଳରେ ଠାକୁରଙ୍କ ବିମାନ ଉଠିଥିଲା। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀ ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ ମଣି ବିମାନରେ ଓ ରାମକୃଷ୍ଣ ପାଲିଙ୍କିରେ ବିଜେ ହୋଇ ବ୍ରାହ୍ମଣୀ ପଠା ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ ଓ ସାଥିରେ ଥିଲେ ନୀଳକଣ୍ଠ ଶ୍ରୀ ମହାଦେବ। ଚନ୍ଦନଯାତ୍ରାର ପ୍ରଥମ ଦିନ ଓ ଶେଷଦିନ ରାଜନୀତି ବିଧି ହୁଏ। ରାଜନୀତି ପରେ ଯଥାବିଧି ହଳଦୀ ପାଣି ନୀତି ସମ୍ପନ୍ନ ହୋଇଥିଲା। କାଠ ପିଚକାରୀରେ ଶ୍ରୀ ମହାବାହୁଙ୍କର ପାଦ ଧୂଆ ଯାଇଥିଲା। ଦୁଇ ପିଙ୍ଗଣ ହଳଦୀ ପାଣି ଚାପରେ ଭସା ଯାଇଥିଲା। ସେଠାରେ ବେଶ ବଢ଼ି ମାଣ୍ଡୁଅ ଭୋଗ ଅର୍ପଣ କରାଯାଇଥିଲା। ଯଥାବିଧି ନୀତିକାନ୍ତି ସାରି ଠାକୁରମାନେ ସେବକ ଓ ଭକ୍ତଙ୍କ ଗହଣରେ ମନ୍ଦିରକୁ ଫେରିଥିଲେ। ମହାପ୍ରଭୁଙ୍କ ୨୧ ଦିନିଆ ଭିତରେ ଚନ୍ଦନଯାତ୍ରା ମନ୍ଦିରରେ ଆରମ୍ଭ ହେବ। ଏହି ଅବସରରେ ମହାବାହୁଙ୍କ ଆଳଟ ଲାଗି ଓ ଚନ୍ଦନ ଲାଗି ନୀତିକାନ୍ତି ଅନୁଷ୍ଠିତ ହେବ। ଆସନ୍ତା ୨ ତାରିଖ ରବିବାର ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ୬ ତାରିଖ ସାବିତ୍ରୀ ଅମାବାସ୍ୟା, ୧୨ତାରିଖ ଶୀତଳଷଷ୍ଠୀ ଓ ୧୮ ତାରିଖ ରୁକ୍ମିଣୀ ହରଣ ଏକାଦା ତିଥିରେ ମନ୍ଦିର ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କ 'ଜଳକ୍ରୀଡ଼ା' ଉତ୍ସବ ଅନୁଷ୍ଠିତ ହେବ। ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇ ରୋହଣୀକୁଣ୍ଡ ନିକଟସ୍ଥ ଜଳକ୍ରୀଡ଼ା ମଣ୍ଡପକୁ ବିଜେ ହେବେ। ସୁବାସିତ ପୁଷ୍ପ, କର୍ପୁର, ଚନ୍ଦନ ଇତ୍ୟାଦି ସୁଗନ୍ଧିତ ଦ୍ରବ୍ୟ ଯୁକ୍ତ ପାଣିରେ ଠାକୁରେ ଅଧିଷ୍ଠିତ ହେବେ। ପୁରୋହିତ ବା ମନ୍ଦିର ପଣ୍ଡାମାନେ ଠାକୁରଙ୍କୁ ଭୋଗ ଲଗାନ୍ତି, ଏହାପରେ ଠାକୁରଙ୍କ ବେଶ ଅନୁଷ୍ଠିତ ହେବ।

## ■ ଟାଟା ଷ୍ଟିଲ୍ ଫାଉଣ୍ଡେସନର ସଫଳ ପ୍ରୟାସ

# ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ସଚେତନତା ଅଭିଯାନ

**ଢେଙ୍କାନାଳ, ୩୧।୫(ସମିସ):** ବିଶ୍ୱ ତମାଖୁ ନିଷେଧ ଦିବସ ପାଳନ ଅବସରରେ ଟାଟା ଷ୍ଟିଲ ଫାଉଣ୍ଡେସନର ରିଜିଓନାଲ ଇନିସିଆଟିଭ ଫର ସେକସୁଆଲ ହେଲ୍ଥ ଫର ଟୁଡେଜ୍ ଆଡଲୋସେନ୍ଟ(ରିଷ୍ଟା) ଟିମ୍ ପକ୍ଷରୁ ଓଡାପଡ଼ା ବ୍ଲକ ନୟାଭାଗିରଥିପୁର ଓ ନରେନ୍ଦ୍ରପୁର ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ମେ ୩୧ ତାରିଖରେ ପାଳନ କରାଯାଉଥିବା ଏହି ଦିବସର ଉଦ୍ଦେଶ୍ୟ ହେଉଛି ତମାଖୁ ସେବନ ସହିତ ଜଡ଼ିତ ସ୍ୱାସ୍ଥ୍ୟଗତ ବିପତ୍ତି ଉପରେ ଆଲୋକପାତ କରିବା ଏବଂ ତମାଖୁ ସେବନ ହ୍ରାସ କରିବା ପାଇଁ ପ୍ରଭାବଶାଳୀ ନୀତି ପାଇଁ ସୁପାରିସ କରିବା। ଚଳିତ ବର୍ଷର ବିଷୟବସ୍ତୁ "ତମାଖୁ ସେବନରୁ ଶିଶୁମାନଙ୍କୁ ସୁରକ୍ଷା ଦେବା" ରିଷ୍ଟା ଟିମ୍ ଦ୍ୱାରା ଆୟୋଜନ କରାଯାଇଥିବା ପ୍ରଭାବଶାଳୀ କାର୍ଯ୍ୟକ୍ରମ ପଛରେ ଉଦ୍ଦେଶ୍ୟ ଥିଲା। ଏହି ସଚେତନତା ଅଭିଯାନରେ ୭୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ ଯେଉଁଥିରେ ୧୦ରୁ ୧୯ ବର୍ଷ ବୟସର କିଶୋର ବାଳିକା ଏବଂ ବାଳକଙ୍କ ସମେତ ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ଏଏନଏମ ଏବଂ ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏହି ଅବସରରେ ନୟାଭାଗିରଥିପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ଜତି ନାୟକ ଯୋଗଦେଇ ନିଜ ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିବାରୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ଫାଉଣ୍ଡେସନର ଅଧିକାରୀ କବିତା ଧଳ ସ୍ୱାଗତ ଭାଷଣ ଦେବା ପରେ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଦିବସର ମୁଖ୍ୟ ଆକର୍ଷଣ ଥିଲା ନୟାଭାଗିରଥିପୁର ଗ୍ରାମରେ ଆୟୋଜିତ ଏକ ଶୋଭାଯାତ୍ରା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ସାମୂହିକ ଭାବେ ତମାଖୁ ସେବନର ସ୍ୱାସ୍ଥ୍ୟ ବିପଦ ବିଷୟରେ ସଚେତନତା ସୃଷ୍ଟି କରିଥିଲେ ଏବଂ ତମାଖୁ ନିୟନ୍ତ୍ରଣ ନୀତିକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ସମାଜର କଲ୍ୟାଣରେ ଉନ୍ନତି ଆଣିବା ଏବଂ ଏକ ସୁସ୍ଥ, ତମାଖୁ ମୁକ୍ତ ଭବିଷ୍ୟତ ଗଠନ କରିବା ଦିଗରେ ରିସାଥ ଟିମର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରତିଫଳିତ କରୁଛି।



# ଲୁଟ୍‌ର ୪ମାସ ପରେ ସୁନାଗହଣା ଫେରିପାଇଲେ ଦମ୍ପତି



**ଗଁଦିଆ, ୩୧।୫(ସମିସ):** ଗଁଦିଆ ଥାନା ଅନ୍ତର୍ଗତ ଚିରୁଲେଇ ଗ୍ରାମର ଜନୈକ ଦମ୍ପତୀଙ୍କଠାରୁ ଲୁଟ୍ ହୋଇଥିବା ସୁନାଗହଣା ୪ମାସ ପରେ ଫେରିପାଇଥିବା ଜଣାପଡ଼ିଛି। ଏହି ଉଦ୍ଧାର ହୋଇଥିବା ସାମଗ୍ରୀକୁ ପୁଲିସ ଦମ୍ପତିଙ୍କୁ ଫେରାଇଛନ୍ତି। ଗତ ଜାନୁୟାରୀ ୩୦ ତାରିଖରେ ଗଁଦିଆ ଥାନା ଚିରୁଲେଇ ଗ୍ରାମର ଚିତ୍ତରଞ୍ଜନ ରାଉତ ପରିବାର ସହିତ ଭୁବନରୁ ଚିରୁଲେଇ ଗ୍ରାମକୁ ଫେରୁଥିବା ସମୟରେ ଇଲେଇଜଙ୍ଗ ଗ୍ରାମ ଠାରେ ମୁଖ୍ୟ ରାସ୍ତା ଉପରେ ୩ ଜଣ ଯୁବକ ପଲସର ଗାଡ଼ିରେ ଆସି ବନ୍ଧୁକ ଦେଖାଇ ୩ ଲକ୍ଷ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ଏ ସମ୍ପର୍କରେ ଚିତ୍ତରଞ୍ଜନ ଗଁଦିଆ ଥାନାରେ ଲିଖିତ ଏତଲା ଦେଇଥିଲେ। ଏସପିଙ୍କ ନିର୍ଦ୍ଦେଶରେ ଗଁଦିଆ ପୁଲିସ ଘଟଣାର ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ସମ୍ପୃକ୍ତ ୩ ଜଣ ଯୁବକଙ୍କୁ ପୁଲିସ କାବୁ କରି ସୁନା ଅଳଙ୍କାର ଉଦ୍ଧାର କରିଥିଲା। ଆଜି ଗଁଦିଆ ଆଇଆଇସି ସଲୀଳ କୁମାର ପ୍ରଧାନ ଚିତ୍ତରଞ୍ଜନଙ୍କୁ ସମସ୍ତ ଉଦ୍ଧାର କରାଯାଇଥିବା ସୁନାଗହଣା ଫେରାଇଛନ୍ତି। ଗତ ୨ ମାସ ମଧ୍ୟରେ ଆଇଆଇସିଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଫଳରେ ବହୁ ଫେରାର ଆସାମୀ ଧରା ହୋଇଥିବା ବେଳେ ବଡ଼ ବଡ଼ ଚୋରି ରାକେଟର ପର୍ଦ୍ଦାଫାଶ ହୋଇଛି। ଏ ନେଇ ଗଁଦିଆବାସୀଙ୍କ ମଧ୍ୟରେ ପୁଲିସ ପ୍ରତି ଆସ୍ଥା ବଢ଼ିଛି। ଏ ସମ୍ପର୍କରେ ଆଇଆଇସି ଶ୍ରୀ ପ୍ରଧାନ ଓ ଚୋରି ଜିନିଷ ଫେରି ପାଇଥିବା ଶ୍ରୀ ରାଉତ କୁହନ୍ତି ଅଞ୍ଚଳବାସୀଙ୍କ ମଧ୍ୟରେ ପୁଲିସ ପ୍ରତି ଆସ୍ଥା ବଢ଼ିଛି।

## ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ

**ଢେଙ୍କାନାଳ, ୩୧।୫ (ସମିସ)**

ଢେଙ୍କାନାଳ ଜିଲ୍ଲାର ସଦର ଥାନା ଅନ୍ତର୍ଗତ ନରଣପୁର ଗ୍ରାମରେ ଗତ ୨୦୨୧ ମସିହାରେ ଜନୈକା ନାବାଳିକା ଦୁଷ୍କର୍ମ ଘଟଣାର ବିଚାର କରି ଜିଲ୍ଲା ପୋକ୍ସୋ ଅଦାଲତର ବିଚାରପତି ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି।

ଗତ ୨୦୨୧ ମସିହା ନଭେମ୍ବର ୧୫ ତାରିଖ ଦିନ ସଦର ଥାନା ନରଣପୁର ଗ୍ରାମର ଜନୈକା ନାବାଳିକା ସକାଳ ୧୦ଟା ସମୟରେ କଲେଜ ଯାଉଥିଲା। ଏହି ସମୟରେ ସେହି ଗ୍ରାମର ରାମ ପ୍ରଧାନ(୨୬) ନାବାଳିକାକୁ ଅପହରଣ କରି ପ୍ରଥମେ ଖୋର୍ଦ୍ଧା ଏବଂ ପରେ ଅନ୍ୟାନ୍ୟ ସ୍ଥାନକୁ ନେଇ ୧୦ ଦିନ ନିଜ ପାଖରେ ରଖି ନାବାଳିକାକୁ ବଳାତ୍କାର କରିଥିଲା। ଘଟଣାକୁ ନେଇ ପୀଡ଼ିତାର ପିତା ବିଭିନ୍ନ ସ୍ଥାନ ଖୋଜାଖୋଜି କରିବା ପରେ ଥାନାରେ ଅଭିଯୋଗ କରିଥିଲା। ଅଭିଯୋଗ ପରେ ପୁଲିସ ଥାନାରେ ୫୯୪/୨୦୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତଦନ୍ତକାରୀ ଅଧିକାରୀ ବିଏଲ ଘଡେଇ ନାବାଳିକାକୁ ଉଦ୍ଧାରକରିବା ସହିତ ଅଭିଯୁକ୍ତ ଦ୍ୱାରା ବଳାତ୍କାର ହୋଇଥିବା ଅଭିଯୋଗ ହୋଇଥିଲା। ତଦନ୍ତ ଶେଷ ହେବା ପରେ ଅଭିଯୁକ୍ତ ନାମରେ ଦଫା ୩୬୩/୩୬୬/୩୭୬(୩) ଦଫା୬ ପୋକ୍ସୋ ଆକ୍ଟରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିଲା। ଏହି ମାମଲାଟି ପୋକ୍ସୋ ଅଦାଲତର ସିଟି(ସ୍ପେସାଲ) ପୋକ୍ସୋ କେସ ନଂ ୭୦/୨୦୨୧ରେ ବିଚାରାଧୀନ ରହିଥିଲା। ଏହି ମାମଲାରେ ୨୨ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ୨୫ଟି ଦସ୍ତାବିଜ ଆଧାରରେ ପୀଡିତାର ସାକ୍ଷ୍ୟ ପ୍ରମାଣ ଅନୁସାରେ ଢେଙ୍କାନାଳ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ପୋକ୍ସୋ ଅଦାଲତର ବିଚାରପତି ଆକାଂକ୍ଷିତ ମିଶ୍ର ମାମଲାର ବିଚାରକରି ଅଭିଯୁକ୍ତକୁ ୩୬୬ ଆଇପିସି ଧାରାରେ ୫ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୫ ହଜାର ଟଙ୍କା ଜରିମାନାଦେଶ ଦେଇଥିଲେ। ଜରିମାନା ଅନାଦେୟ ଅଧିକ ୩ ମାସ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ଦଫା ୬ ପୋକ୍ସୋ ଆକ୍ଟରେ ୨୦ବର୍ଷ ସଶ୍ରମ କାରାଦଣ୍ଡାରେ ଦଣ୍ଡିତ କରି ୧୫ ହଜାର ଟଙ୍କା ଜରିମାନାଦେଶ ଦେଇଥିଲେ। ଜରିମାନା ଅନାଦେୟ ଅଧିକ ୬ ମାସ କରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ଏହା ସହିତ ପୀଡ଼ିତାକୁ ୬ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ପେଶାଲ ପିପି ନିରଞ୍ଜନ ସାହୁ ପରିଚାଳନା କରୁଥିଲେ।

# ଝିଆଁଇ ମାଡ଼ରେ ଶାଶୂ ମୃତ



**କାମାକ୍ଷାନଗର, ୩୧।୫(ସମିସ):** ମହାବିରୋଡ଼ ଥାନା ଅନ୍ତର୍ଗତ ମହାବିରୋଡ଼ ଗ୍ରାମରେ ଝିଆଁଇ ମାଡ଼ରେ ଶାଶୂର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଗୁରୁବାର ବିଳମ୍ବିତ ରାତିରେ ମହାବିରୋଡ଼ ଗ୍ରାମର ନୀଳମଣି ଦେହୁରୀଙ୍କ ପତ୍ନୀ ଶୁଆଗି ଦେହୁରୀ(୭୦) ଝିଆଁଇ ତିଳେଇପଶି ଗାଁର ରାଜକିଶୋର ସାହୁଙ୍କ ମାଡ଼ରେ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଝିଆଁଇ ହତ୍ୟା କରିଥିବା ନେଇ ମହାବିରୋଡ଼ ଥାନାରେ ଶଶୁର ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ମହାବିରୋଡ଼ ଥାନା ଏଏସଆଇ ଶେଷଦେବ ଲେଙ୍କା କହିଛନ୍ତି ଝିଆଁଇ ବାରମ୍ବାର ଟଙ୍କା ମାଗୁଥିଲା। ଟଙ୍କା ନଦେବାରୁ ଶାଶୂକୁ ଶାଳ ବାଡ଼ିରେ ପିଟି ହତ୍ୟା କରିଛନ୍ତି। ଢେଙ୍କାନାଳ ସାଇଣ୍ଟିଫିକ ଦଳ, ଥାନା ଅଧିକାରୀ ଅନାଦି ପଟାୟତ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିଲେ। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ରୀତିନୀତି ଅନୁସାରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୁଆଗିଙ୍କ ମୃତ୍ୟ ଖବରରେ ମହାବିରୋଡ଼ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ହାଇୱା- ଟ୍ରକ୍ ମୁହାଁମୁହିଁ ; ୨ ଗୁରୁତର



**କାମାକ୍ଷାନଗର, ୩୧।୫(ସମିସ):** କାମାକ୍ଷାନଗର ଥାନା ଅନ୍ତର୍ଗତ ୫୩ନଂ ଜାତୀୟ ରାଜପଥର ଆଲୁତୁମା ଛକ ନିକଟରେ ହାଇୱା-ଟ୍ରକ ମୁହାଁମୁହିଁ ଦୁର୍ଘଟଣା ହେବା ଫଳରେ ଦୁଇ ଗାଡ଼ିର ଚାଳକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଆଲତୁମା ଛକ ନିକଟରେ ରାତି ପ୍ରାୟ ୧୨ ଟା ସମୟରେ ହାଇୱା ଗାଡ଼ିଟି ପାଉଁଶ ଗୁଣ୍ଡ ତାଳଚେରରୁ ନେଇ କାମାକ୍ଷାନଗର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ ସହ ଆଲତୁମା ଛକନିକଟରେ ମୁହାଁମୁହିଁ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଉଭୟ ଗାଡ଼ିର ଚାଳକ ଗାଡ଼ି ଭିତରେ ଚାପିହୋଇ ରହିଯାଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଉଦ୍ଧାର କରିଥିଲେ। ଦୀର୍ଘ ସାଢେ ୪ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ କଟର ମେସିନରେ କାଟି ଚାଳକ ଦ୍ୱୟଙ୍କୁ ଉଦ୍ଧାର କରାଯାଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଦୁଇ ଚାଳକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଉଭୟଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍‌ର ବୈଠକ




**ଗଁଦିଆ, ୩୧।୫(ସମିସ):** ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଫୋରମ୍ ଓଡ଼ିଶାର ଆଭାସି ବୈଠକ ରାଜ୍ୟ ଫୋରମ୍ ର ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆଗାମୀ ଜୁନ ମାସ ୯ତାରିଖରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରୀରେ ହେବାକୁ ଥିବାରୁ କିପରି ବୈଠକଟି ଫଳପ୍ରଦ ହେବ, ସେଥିପାଇଁ ଆଲୋଚନା କରାଯାଇଥିଲା। ଏଥି ସହିତ ଜୀବନବ୍ୟାପୀ ସାଧନା କରି କିପରି ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକମାନେ ସିଦ୍ଧିଲାଭ କରିଛନ୍ତି, ସେମାନଙ୍କ ଜୀବନାବଳୀକୁ ନେଇ ପୁସ୍ତକ ପ୍ରକାଶିତ ହେବାର ଥିବାରୁ, ଏହାକୁ ଫଳପ୍ରଦ କରିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରଥମ ସଂସ୍କରଣ ଡିଟିପି କାର୍ଯ୍ୟ ଶେଷ ହୋଇଥିବାରୁ ସମ୍ପାଦନା ମଣ୍ଡଳୀ ଏହାକୁ ତଦାରଖ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ପୁରୀ ବୈଠକକୁ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ସ୍ୱତନ୍ତ୍ର ବିଚାରପତି ସିବିଆଇ ଭିକାରୀ ଚରଣ ରାଉତ, ମୁଖ୍ୟ ବକ୍ତାଭାବେ ପ୍ରାକ୍ତନ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓଡ଼ିଶା, ତଥା ପ୍ରାକ୍ତନ ଜିଲ୍ଲାପାଳ ବାଲେଶ୍ୱର ସନାତନ ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ଦୈନିକ ଖବରକାଗଜ ସମାଜର ସମ୍ପାଦକ ତଥା ବୈଜ୍ଞାନିକ ଡଃ ପ୍ରମୋଦ କୁମାର ମହାପାତ୍ର, ଓସେପାର ଯୁଗ୍ମ ନିର୍ଦ୍ଦେଶକ ମହେଶ୍ୱର ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ, ପୁରୀ ତଥା ଡିପିସି, ପୁରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଡିପିସି କଟକ ଡଃ ସନ୍ତୋଷ କୁମାର ରାଉତ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପୁରୀ ହିମାଂଶୁ ଭୂଷଣ ସାମରଥ, ଅଧ୍ୟକ୍ଷ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ପୁରୀ ସନ୍ତୋଷ ପରିଡ଼ା ଯୋଗଦାନ କରି 'ସାମ୍ପ୍ରତିକ ଶିକ୍ଷାବ୍ୟବସ୍ଥାରେ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କ ସ୍ଥିତି ଓ ଭୂମିକା ଉପରେ ଆଲୋଚନା କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି ବୋଲି ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ସାଧାରଣ ସମ୍ପାଦକ ଈଶ୍ୱର ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଡଃ ଗଙ୍ଗୋତ୍ରୀ ଦେବୀ ଉପସଭାପତି ଦୁଃଖବନ୍ଧୁ ସାହୁ, କୃଷିଦା ବେଗମ୍, ସମ୍ପାଦକ ବସନ୍ତ କୁମାର ସାହୁ, ମନୋଜ ମଞ୍ଜରୀ ଲେଙ୍କା, ଇଭେଣ୍ଟ ପ୍ରମୁଖ ସଞ୍ଜୁବାଳା ମିଶ୍ର, ରଶ୍ମୀବାଳା ରାଉତରାୟ, ଉର୍ମିଳା ସାମଲ, ପବିତ୍ର ମୋହନ ଦାସ, ସୌଭାଗ୍ୟ କୁମାର ପଟେଲ, ସ୍ୱର୍ଣ୍ଣ ଲତା ତ୍ରିପାଠୀ, ଚାରୁବାଳା ମିଶ୍ର, ବଳରାମ ସାହୁ, ବିନୟ କୁମାର ପାଣି, ଶଶିଶେଖର କରଶର୍ମା, ଡଃ ନିରଞ୍ଜନ ଦାଶ, ନୀଳିମା କୁମାରୀ ସାହୁ, ଡଃ ପ୍ରଦୀପ କୁମାର ମିଶ୍ର, ବୈଲୋଚନ ସାହୁ, ଉର୍ମିଳା ସାମଲ, ବିବାସିନୀ ମିଶ୍ର ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥଙ୍କ ଶ୍ରୀ ଚରଣରେ ଭକ୍ତିପୂତ ଅର୍ଘ୍ୟ ଅର୍ପଣ କରିଥିଲେ ଉର୍ମିଳା ସାମଲ ଓ ବିବାସିନୀ ମିଶ୍ର। ସାଧାରଣ ସମ୍ପାଦକ ଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିବା ପରେ ସଭାପତି ଶ୍ରୀ ସାହୁ ସଭାକୁ ବିରତି ଘୋଷଣା କରିଥିଲେ।

# 'ମହାତ୍ମା ଗାନ୍ଧୀ ସମ୍ପର୍କିତ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ନିନ୍ଦନୀୟ'

**ଢେଙ୍କାନାଳ, ୩୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ବୁଦ୍ଧିଜୀବୀ ସଂଗଠନ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ଏବଂ ସୌନ୍ଦର୍ଯ୍ୟା ସଂଗଠନର ସଦସ୍ୟମାନେ ସ୍ଥାନୀୟ ଗାନ୍ଧୀ ପାର୍କରେ ପ୍ରତ୍ୟେକ ଶୁକ୍ରବାର କରୁଥିବା ସତ୍ୟାଗ୍ରହ ସଫେଇ କାର୍ଯ୍ୟକ୍ରମ ଶେଷ ହେବା ପରେ ଗାନ୍ଧିଜୀଙ୍କ ଜୀବନୀ ଏବଂ ଆଦର୍ଶ ସମ୍ପର୍କରେ ଆଲୋଚନା କରିଥାନ୍ତି। ନିକଟରେ ଗାନ୍ଧିଜୀଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବିପି ଟିଭିକୁ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ସଦସ୍ୟମାନେ ସମାଲୋଚନା କରିଥିଲେ। ମୋଦୀ ସାବରମତୀ ଆଶ୍ରମରେ ଗାନ୍ଧିଜୀଙ୍କ ଚରଖାକୁ ଚଳାଇବା ଫଟୋ ଉଠାଇ ଗଣମାଧ୍ୟମରେ ନିଜର ଖୁବ୍ ପ୍ରଚାର କରିଛନ୍ତି। ନିକଟ ଅତୀତରେ ଜାପାନ ଗସ୍ତ ସମୟରେ ହିରୋସୀମା ଠାରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଛନ୍ତି। ଏବେ ପୃଥିବୀରେ ୮୦ରୁ ଅଧିକ ରାଷ୍ଟ୍ରରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଛି ଅବା ରାସ୍ତା ଓ ଅନୁଷ୍ଠାନକୁ ଗାନ୍ଧୀଜୀଙ୍କ ନାମରେ ନାମିତ କରାଯାଇଛି। ଗାନ୍ଧୀଜୀଙ୍କୁ ୨ୟ ଶହସ୍ରାବ୍ଦୀର ଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବରେ ଗ୍ରହଣ କରାଯାଇଛି। ସତ୍ୟ, ଅହିଂସା ଓ ମାନବ ଧର୍ମର ଶ୍ରେଷ୍ଠ ପ୍ରତିକ ହେଉଛନ୍ତି ମହାତ୍ମା ଗାନ୍ଧୀ। ଦକ୍ଷିଣ ଆଫ୍ରିକାରେ ଗାନ୍ଧୀଜୀଙ୍କ ରହଣି ସମୟରୁ ବ୍ରିଟିଶ ଶାସନ ବିରୁଦ୍ଧରେ ଅହିଂସା ଏବଂ ଅସହଯୋଗ ଆନ୍ଦୋଳନ ଆରମ୍ଭ କରି ଗାନ୍ଧୀଜୀ ସାରା ପୃଥିବୀର ଏକ ଚର୍ଚ୍ଚିତ ବ୍ୟକ୍ତି ଭାବରେ ପରିଚୟ ଲାଭ କରିଥିଲେ। ଆମେରିକାର ଆଇୱା ସହରରୁ ପ୍ରକାଶିତ 'ବର୍ଲିଙ୍ଗଟନ୍ ଆଇ' ପତ୍ରିକାରେ ୧୯୩୧ ସେପ୍ଟେମ୍ବର ୨୦ ରେ ଏକ ପୂରା ପୃଷ୍ଠାରେ ଗାନ୍ଧୀଜୀଙ୍କ ସମ୍ପର୍କରେ ' ମୋଷ୍ଟ ଟକ୍ଡ ଏବାଉଟ୍ ମ୍ୟାନ୍ ଇନ୍ ଦି ୱାର୍ଲ୍ଡ ' ଶିର୍ଷକ ଲେଖାଯାଇଥିଲା ଯାହାର ଅର୍ଥ 'ପୃଥିବୀରେ ସବୁଠାରୁ ଅଧିକ ଚର୍ଚ୍ଚିତ ବ୍ୟକ୍ତି'। ତେଣୁ ମୋଦୀଙ୍କ ମନ୍ତବ୍ୟ ଯେ ୧୯୮୨ ମସିହାର 'ଗାନ୍ଧୀ' ଚଳଚ୍ଚିତ୍ର ପରେ ମହାତ୍ମା ଗାନ୍ଧୀ ପୃଥିବୀରେ ପରିଚିତ ହେଲେ ଏକ ଅପରିପକ୍ୱ, ଅଜ୍ଞତା ଏବଂ ମହାତ୍ମାଙ୍କ ପ୍ରତି ଅସମ୍ମାନର ପରିଚାୟକ ବୋଲି ସଦସ୍ୟ ମାନେ ଗଣମାଧ୍ୟମକୁ ଜଣାଇଛନ୍ତି। ଏବେ ମୋଦିଙ୍କ କନ୍ୟାକୁମାରୀ ଠାରେ ପାଳନ କରୁଥିବା ତଥାକଥିତ ମୌନ ବ୍ରତ କେବଳ ଲୋକ ଦେଖାଣିଆ ଓ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ମହାତ୍ମା ଗାନ୍ଧୀ ଯେପରି ଦେଶ ଏବଂ ଦେଶବାସୀଙ୍କ ପାଇଁ ଅନଶନ କରୁଥିଲେ, ଆଣ୍ଠୁ ଉପରକୁ ଖଦୀ ଖଣ୍ଡେ ପିନ୍ଧୁଥିଲେ ଏବଂ ବାକି ଶରୀର ଫୁଙ୍ଗୁଳା ରହୁଥିଲା। ତାଙ୍କ ବିଷୟରେ ଦିନକୁ ୫ଥର ନୂଆ ଡିଜାଇନର୍ ପୋଷାକ ବଦଳାଉଥିବା, ସୌଖିନ ଜୀବନ ଯାପନ କରୁଥିବା ମୋଦୀଜୀଙ୍କ ଆଦୌ ଯୋଗ୍ୟତା ନାହିଁ ବୋଲି ସଦସ୍ୟମାନେ ସମାଲୋଚନା କରିଛନ୍ତି। ଆଜିର ଆଲୋଚନାରେ ବୁଦ୍ଧିଜୀବୀ ସଂଗଠନର ଡାକ୍ତର ତୁଷାରକାନ୍ତି ନାୟକ, ରୁଦ୍ରପ୍ରକାଶ ଶରଣ, ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସରୋଜ ସତପଥି, ସୌନ୍ଦର୍ଯ୍ୟା ସଂଗଠନର ସଭାନେତ୍ରୀ ସ୍ମିତାରାଣୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ ସ୍କାଉଟସ୍ ଓ ଗାଇଡସ୍ ପକ୍ଷରୁ ଗ୍ରୀଷ୍ମପ୍ରବାହ ଉପଶମ ସେବା ଶିବିର

**ଢେଙ୍କାନାଳ, ୩୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ଭାରତ ସ୍କାଉଟସ ଓ ଗାଇଡସ ଓ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ ଓ ଗାଇଡସ ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ବସ୍‌ଷ୍ଟାଣ୍ଡସ୍ଥିତ ହନୁମାନ ବାଟିକା ଠାରେ ଗ୍ରୀଷ୍ମ ପ୍ରବାହ ଉପଶମ ସେବା ଶିବିରର ଆୟୋଜିତ ହୋଇଛି। ଉକ୍ତ ସେବା ଶିବିରକୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ସ୍କାଉଟସ ଓ ଗାଇଡସର ମୁଖ୍ୟ କମିଶନର ବିନିତା ସେନାପତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହିତ ମାନବ ସେବା ହିଁ ମାଧବ ସେବା, ଏହି ଧର୍ମରେ ଦୀକ୍ଷିତ ହୋଇ ମାନବ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍କାଉଟସ ଓ ଗାଇଡସମାନଙ୍କର ଏହି ସେବାକାର୍ଯ୍ୟ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ଏହି ଦହି ସର୍ବତ ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲାର ୧୪ଟି ଉଚ୍ଚ ବିଦ୍ୟାଳୟରୁ ୩୦ ଜଣ ସ୍କାଉଟସ ଓ ଗାଇଡସ ଯୋଗଦେଇ ପଥିକମାନଙ୍କୁ ଦହିସର୍ବତ ବଣ୍ଟନ କରିଥିଲେ। ଜିଲ୍ଲା ସ୍କାଉଟ୍ ଓ ଗାଇଡ୍ ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା। ଏଥିରେ ଜିଲ୍ଲା ତାଲିମ୍ କମିଶନର ନରେଶ କୁମାର ମହାରଣା, ସ୍କାଉଟ୍ ସଂଗଠନ କମିଶନର ବିଜୟ କୁମାର ନନ୍ଦ, ଗାଇଡ୍ ସଂଗଠନ କମିଶନର ସବିତା ସାହୁ, ସ୍କାଉଟ୍ କମିଶନର ଇତିଶ୍ କୁମାର ବରାଳ, ସ୍କାଉଟ୍ ମାଷ୍ଟର ସୁବ୍ରତ କୁମାର ମିଶ୍ର, ଦୁଷ୍ମନ୍ତ ସେଠୀ, ମହେନ୍ଦ୍ର ସାହୁ, ଅମୀୟ ଧଳ, ବିଦୁର ସାମଲ, ମନୋରଞ୍ଜନ ସାହୁ, ଗାଇଡ୍ କ୍ୟାପ୍‌ଟେନ୍ ହରପ୍ରିୟା ଦାସ, ସୌଦାମିନୀ ଦଳେଇ, ଚାରୁଲତା ଦଳେଇ, ସ୍ମିତିସୁଧା ଜେନା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମଟିକୁ ସଫଳ କରିଥିଲେ।




# କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଢେଙ୍କାନାଳ, ୩୧।୫(ସମିସ):** ଢେଙ୍କାନାଳ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅଧୀନରେ କାର୍ଯ୍ୟରତ କନ୍ତିଓ କାଟେଣୀ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଆଦିତ୍ୟ ଚରଣ ସାହୁ, ମୁଷାମଲିକ ଉଚ୍ଚ ବିଦ୍ୟାଳୟର ରାତ୍ର ଜଗୁଆଳ ନିଶାକର ସ୍ୱାଇଁ ଓ କୁସୁମଯୋଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ପ୍ରସନ୍ନ କୁମାର ବିଶ୍ୱାଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା ଶିକ୍ଷାଧିକାରିଣୀ ବିନୀତା ସେନାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଅବସର କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ସହିତ ଫାଇନାଲ ପେନସନ କାଗଜ ପ୍ରଦାନ କରାଯାଇଥିଲା। ଏଥିସହିତ ସେମାନଙ୍କ ନିରାମୟ ସୁସ୍ଥ ଜୀବନ କାମନା କରାଯାଇଥିଲା। ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ସସ୍ମିତା ସାହୁ, ସେକସନ ଅଫିସର ସୁଶୀଳା ମଲ୍ଲିକ, ସଂସ୍ଥା କାର୍ଯ୍ୟନିର୍ବାହୀ ପ୍ରିୟଦର୍ଶୀ ମିଶ୍ର ଓ ପ୍ରତାପ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଟ୍ରୋଲର ଅଫ ଏକାଉଣ୍ଟସ୍, ଭୁବନେଶ୍ୱର କାର୍ଯ୍ୟାଳୟର କଣ୍ଟ୍ରୋଲର ଅଶୋକ କୁମାର ମହାନ୍ତି, ସରକାରୀ କଣ୍ଟ୍ରୋଲର ଜ୍ୟୋତିରେଖା ଦାସ ଓ ସେକସନ୍ ଅଫିସର ସୌମ୍ୟରଞ୍ଜନ ମୁଳିଆଙ୍କ ନିଷ୍ଠାପର ପ୍ରଚେଷ୍ଟା ଯୋଗୁଁ କର୍ମଚାରୀ ମାନଙ୍କର ଫାଇନାଲ୍ ପେନସନ ମଞ୍ଜୁର ହୋଇ ପାରିଛି।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କାନାଳ, ୩୧।୫(ସମିସ):** ସଦର ବ୍ଲକ ଅନ୍ତର୍ଗତ ଗୋପବନ୍ଧୁ କଲେଜପଡ଼ା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ମିଶ୍ର, ରଞ୍ଜା ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବନଶ୍ରୀ ଶତପଥୀ ଓ ଜଂଖିରା ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର ସେମାନଙ୍କର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ସଦର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ତରଫରୁ ବିଇଓ ବ୍ରହ୍ମାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଫାଇନାଲ ପେନସନ କାଗଜ ପ୍ରଦାନକରି ବିଇଓ ଶ୍ରୀ ରାଉତ ସମ୍ବର୍ଦ୍ଧିତ କରିଥିଲେ। ଏହା ସହିତ ସେମାନଙ୍କ ନିରାମୟ ସୁସ୍ଥ ଅବସର ଜୀବନ କାମନା କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ଦେବବ୍ରତ ନାଥ, ଭଗବାନ ବେହେରା, ଶତ୍ରୁଘ୍ନ ଖଣ୍ଡା, ସେକସନ ଅଫିସର ବବିତା ଦାସ, କିରାଣି ଅକ୍ଷୟ ହୋତା ପ୍ରମୁଖ ଉପସ୍ଥିତ ଥିଲେ। କଣ୍ଟ୍ରୋଲର ଅଫ ଏକାଉଣ୍ଟସ୍, ଭୁବନେଶ୍ୱର କାର୍ଯ୍ୟାଳୟର କଣ୍ଟ୍ରୋଲର ଅଶୋକ କୁମାର ମହାନ୍ତି, ସରକାରୀ କଣ୍ଟ୍ରୋଲର ଜ୍ୟୋତିରେଖା ଦାସ ଓ ସେକସନ୍ ଅଫିସର ସୌମ୍ୟରଞ୍ଜନ ମୂଳିଆଙ୍କ ନିଷ୍ଠାପର ପ୍ରଚେଷ୍ଟା ଯୋଗୁଁ ଶିକ୍ଷୟିତ୍ରୀ ମାନଙ୍କର ଫାଇନାଲ୍ ପେନସନ ମଞ୍ଜୁର ହୋଇ ପାରିଛି।



**ଅବକାରୀ ବିଭାଗର ଅବହେଳା**

# ବଢ଼ିଚାଲିଛି ଚୋରା ଦେଶୀମଦ କାରବାର

**ଢେଙ୍କାନାଳ, ୩୧।୫(ସମିସ)**




ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଥାନା ଅନ୍ତର୍ଗତ ବାଇଶିଙ୍ଗା ପଞ୍ଚାୟତରେ ଦେଶୀ ମହୁଲି ମଦ କାରବାରର ଭୂସ୍ୱର୍ଗ ପାଲଟିଥିବା ବେଳେ ଅବକାରୀ ବିଭାଗ ପାଖରେ କୋଣସି ଖବର ନଥିବା ଜଣାପଡ଼ିଛି। ଏହି ପଞ୍ଚାୟତର ଆଖପାଖ ଗ୍ରାମ ଗୁଡ଼ିକରେ ବିପୁଳ ପରିମାଣର ଦେଶୀମଦ ବିକ୍ରି ହେଉଥିବାରୁ ବହୁ ଯୁବଗୋଷ୍ଠୀ ନିଶାର ବଶବର୍ତ୍ତୀ ହୋଇ ଅନୈତିକ କାର୍ଯ୍ୟରେ ଲିପ୍ତ ରହୁଥିବା ବେଳେ ସେଥିପ୍ରତି କାହାର ଦୃଷ୍ଟି ପଡୁନାହିଁ। ବିଶେଷ କରି ରାଜ୍ୟ ସରକାରଙ୍କ ଅବକାରୀ ବିଭାଗ କୋଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଉ ନାହିଁ, ସେଥି ପାଇଁ ଚୋରା ମଦ ବେପାରିଙ୍କ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଯଦି ଆଗାମୀ ଦିନରେ ଚୋରା ମଦ ଉପରେ ଅଙ୍କୁଶ ନ ଲଗାଯାଏ, ସମାଜ ଉପରେ ଏହାର କୁପ୍ରଭାବ ପଡ଼ିବ ବୋଲି ଜନସାଧାରଣ ମନ୍ତବ୍ୟ ଦେଇଛନ୍ତି। ଅବକାରୀ ବିଭାଗର ଉଚ୍ଚ ଅଧିକାରୀ ଓ ଜିଲ୍ଲାପାଳ ମହୋଦୟ କେବେ କେଉଁଦିନ ଚୋରା ମହୁଲି ମଦକୁ ବନ୍ଦ କରାଯିବା ପାଇଁ ନିର୍ଦ୍ଦେଶ ଦେଉଛନ୍ତି ଓ ଅବକାରୀ ବିଭାଗର କର୍ମଚାରୀ କେବେ ଆକ୍ସନ ମୋଡକୁ ଆସୁଛନ୍ତି, ତାହା ଦେଖିବା ପାଇଁ ସାଧାରଣ ଜନତା ଅପେକ୍ଷା କରି ରହିଛନ୍ତି।

